بِسۡمِ اللّٰہِ الرَّحۡمٰنِ الرَّحِیۡمِ

୧୪ ମାର୍ଚ୍ଚ ୨୦୨୫ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

**ପବିତ୍ର କୁରଆନ, ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅ ଙ୍କ ନିଃସୃତ ବାଣୀ (ଅର୍ଥାତ୍ ହଦିସ୍) ଓ ହଜରତ ମସିହ ମଉଦ ଅ.ସ ଙ୍କ ନୀତିଶିକ୍ଷା ଆଲୋକରେ ପବିତ୍ର କୁରଆନର ବିଶେଷତା, ଶ୍ରେଷ୍ଠତା ଓ କଲ୍ୟାଣର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିରରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୌମିଦ୍‌ଦିନ୍ । ଇୟ୍ୟାକା ନାବୁଦୁ ଓ୍ୱ ଇୟ୍ୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର ଅ.ବ କହିଲେ; ଅଲ୍ଲାଃତାଲାଙ୍କ କୃପାରୁ ଆମେମାନେ ପବିତ୍ର ରମଜାନ ମାସର ଦ୍ୱିତୀୟ ଦଶକ ମଧ୍ୟ ଦେଇ ଅତିକ୍ରମ କରୁଅଛେ । ଅଲ୍ଲାଃତାଲା ପବିତ୍ର କୁରଆନର ରମଜାନ ମାସ ସହିତ ଏକ ବିଶେଷ ସମ୍ପର୍କ ରହିଥିବାର ବର୍ଣ୍ଣନା କରିଛନ୍ତି । ଯେପରିକି ସେ କୁହନ୍ତି; ରମଜାନର ଏହି ପବିତ୍ର ମାସରେ ଧର୍ମଗ୍ରନ୍ଥ (କୁରଆନ) ଲୋକମାନଙ୍କ ସକାଶେ ଏକ ମହାନ ପଥପ୍ରଦର୍ଶକ ଭାବରେ ଅବତୀର୍ଣ୍ଣ କରାଗଲା ଏବଂ ଏପରି ଖୋଲା ନିଦର୍ଶନ ସହିତ ଯେଉଁଥିରେ ସତ୍‌ପଥର ବିସ୍ତୃତ ବ୍ୟାଖ୍ୟା ତଥା ସତ୍ ଓ ଅସତ୍ ମଧ୍ୟରେ ପାର୍ଥକ୍ୟ କରିବା ପ୍ରସଙ୍ଗ ବର୍ଣ୍ଣିତ ରହିଛି । ସୁତରାଂ ଏଥିସକାଶେ ଏହି ମାସରେ ପବିତ୍ର କୁରଆନର ଅତ୍ୟଧିକ ଅଧ୍ୟୟନ କରିବା ପ୍ରତି ମନୋଯୋଗ କରିବାକୁ ଧ୍ୟାନ ଆକର୍ଷିତ କରାଯାଇଛି ।

ଚଳିତ ଯୁଗର ସଂସ୍କାରକ ହଜରତ ମସିହ ମଉଦ ଅ.ସ ମଧ୍ୟ ଏଥିପ୍ରତି ଆମମାନଙ୍କର ଧ୍ୟାନ ଆକର୍ଷିତ କରିଛନ୍ତି ଏବଂ ହଜରତ ମୁହମ୍ମଦ ସ.ଅ ତ ବିଶେଷ ରୂପେ ଏଥିପ୍ରତି ଆମମାନଙ୍କର ଧ୍ୟାନ ଆକର୍ଷିତ କରିଛନ୍ତି । ଏହି କଲ୍ୟାଣପ୍ରଦ ମାସରେ ତ ପବିତ୍ର କୁରଆନର ଅତ୍ୟଧିକ ପାଠ କରିବା ଉଚିତ୍ । ହଜରତ ଜିବରିଲ୍ ଅ.ସ ପ୍ରତ୍ୟେକ ବର୍ଷ ସେପର୍ଯ୍ୟନ୍ତ ସୁଦ୍ଧା ଯେତେ ଐଶ୍ୱୀବାଣୀ ଅବତୀର୍ଣ୍ଣ ହୋଇଯାଇଥାଏ, ମହାଭାଗଙ୍କ ସହିତ ତାହାର ପୁନରାବୃତ୍ତି କରୁଥିଲେ ଏବଂ ନବୀଶ୍ରେଷ୍ଠଙ୍କ ଜୀବନର ଶେଷ ବର୍ଷ ସେ (ପବିତ୍ର କୁରଆନର) ଦୁଇଥର ପୁନରାବୃତ୍ତି କରିଥିଲେ ।

ପବିତ୍ର କୁରଆନର ରମଜାନ ମାସ ସହିତ ଅତି ଗଭୀର ଓ ବିଶିଷ୍ଟ ସମ୍ପର୍କ ରହିଛି, ଏକଥା ଆମକୁ ସର୍ବଦା ସ୍ମରଣ ରଖିବା ଉଚିତ୍ । ତେଣୁ ପବିତ୍ର କୁରଆନ ବହୁତ ପାଠ କରିବା ଓ ଶୁଣିବା ଉଚିତ୍ । ଆମ ମସଜିଦ୍ ମାନଙ୍କରେ ତ ପବିତ୍ର କୁରଆନର ଦରସ୍ (ପ୍ରବଚନ)ର ବ୍ୟବସ୍ଥା ହୋଇଥାଏ, ପୁଣି ତରାଓ୍ୱୀରେ କୁରଆନ ଶୁଣିବାର ଆୟୋଜନ କରାଯାଇଥାଏ । ଏତଦ୍ ବ୍ୟତୀତ ପବିତ୍ର କୁରଆନ ପାଠ କରିବା ପ୍ରତି ଉତ୍ସାହିତ କରାଯାଇଥାଏ, ଏମ.ଟି.ଏ.ରେ ମଧ୍ୟ ପ୍ରତିଦିନ ତିଲାଓ୍ୱତ୍ର କାର୍ଯ୍ୟକ୍ରମ ପ୍ରସାରଣ ହୁଏ, ତାହାକୁ ମଧ୍ୟ ଶୁଣିବା ଉଚିତ୍ । କିନ୍ତୁ ପବିତ୍ର କୁରଆନର ପ୍ରକୃତ ବରକତ୍ ସେତେବେଳେ ମିଳିଥାଏ ଯେତେବେଳେ ତାହା ଶୁଣି ତଦ୍‌ନୁରୂପ କାର୍ଯ୍ୟ କରିବାକୁ ପ୍ରଚେଷ୍ଟା ମଧ୍ୟ କରାଯାଏ । ଅଲ୍ଲାଃତାଲା ପବିତ୍ର କୁରଆନର ପ୍ରାରମ୍ଭରେ ହିଁ ଏହା କହିଦେଲେ ଯେ, **ଏହା ଏପରି ଗ୍ରନ୍ଥ ଯେଉଁଥିରେ କୌଣସି ସନ୍ଦେହ ନାହିଁ ଏବଂ ଏହା ଧର୍ମନିଷ୍ଠମାନଙ୍କୁ ସତ୍‌ପଥ ପ୍ରଦର୍ଶିତ କରିଥାଏ ।** ଅତଃ ନିଜ ଅନ୍ତରରେ ଈଶ୍ୱରଭୟ ପ୍ରକଟ କରି ଓ ଜଣେ ସଚ୍ଚୋଟ ବିଶ୍ୱାସକାରୀ ହୋଇ ତାହାର ନିର୍ଦ୍ଦେଶାବଳୀର ପାଳନ କରିବାକୁ ଅଲ୍ଲାଃତାଲା ଅନିବାର୍ଯ୍ୟ କରିଛନ୍ତି । ରମଜାନରେ ତ ଏଥିପ୍ରତି ମନୋଯୋଗ କରାଯାଇଥାଏ, ଧର୍ମନିଷ୍ଠତା ଅବଲମ୍ବନ କରିବାକୁ ପ୍ରୟାସ ହୋଇଥାଏ । ତେବେ ଏହାର ପଦ୍ଧତି ଐଶ୍ୱର୍ଯ୍ୟମୟ ପ୍ରଭୁ ବୁଝାଇ ଦେଲେ ଯେ, ଯଦି ଏପରି ଉଦ୍ୟମ ଓ ଅଭିଳାଷ ରଖୁଥାଅ ତେବେ ପବିତ୍ର କୁରଆନ ଅଧିକରୁ ଅଧିକ ପାଠ କର ଓ ଏହି ଶିକ୍ଷାନୁଯାୟୀ କାର୍ଯ୍ୟ କର ।

ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଏହି (ପବିତ୍ର କୁରଆନ)ର ଆଶିଷ ଓ ବରକତ୍ ତ ଚିରସ୍ରୋତାଃ ନଦୀ ସଦୃଶ । ତାହା ପ୍ରତ୍ୟେକ ଯୁଗରେ ସେହିପରି ସ୍ପଷ୍ଟ ପ୍ରକାଶ୍ୟ ଓ ପ୍ରଜ୍ୱଳିତ ଯେପରି ହୁଜୁର [ସ.ଅ]ଙ୍କ କାଳରେ ଜାରି ରହିଥିଲା । ସୁତରାଂ ରମଜାନରେ ଯେଉଁସ୍ଥଳେ ପବିତ୍ର କୁରଆନ ପାଠ କରିବା ପ୍ରତି ମନୋଯୋଗ କରିଥାଅ । ସେହିସ୍ଥଳେ ତାହାର ଶିକ୍ଷାନୁଯାୟୀ କାର୍ଯ୍ୟ କରିବା ପ୍ରତି ମଧ୍ୟ ଉଦ୍ୟମ କରିବା ଉଚିତ୍ । ଏହି ପବିତ୍ର ମାସରେ ପ୍ରତ୍ୟେକ ନିଜ ନିଜ ସାମର୍ଥ୍ୟାନୁଯାୟୀ କୁରଆନ ପାଠ କରିଥାନ୍ତି । ଯଦିଚ ଜଣେ ବ୍ୟକ୍ତି (ଚେଷ୍ଟା କରିବା ସତ୍ତ୍ୱେ) ଥରେ ଶେଷ କରି ପାରି ନଥାଏ, ତଥାପି କିଛି ନା କିଛି ଅଂଶ ଆବୃତ୍ତି ତ କରି ନେଇଥାଏ । **ତେବେ ପ୍ରତ୍ୟେକଙ୍କୁ ପବିତ୍ର କୁରଆନ ଅତି କମ୍‌ରେ ଥରେ ଶେଷ କରିବାକୁ ଅବଶ୍ୟ ଚେଷ୍ଟା କରିବା ଉଚିତ୍ ।** ଏହିପରି ପବିତ୍ର କୁରଆନର ଅନୁବାଦ ଓ ବ୍ୟାଖ୍ୟା ଅଧ୍ୟୟନ କରିବା ପ୍ରତି ଧ୍ୟାନ ଦେବା ଉଚିତ୍ । ଏପରି ଆମକୁ ଭଲ ଓ ମନ୍ଦ ମଧ୍ୟରେ ସଠିକ୍ ଧାରଣ ହେବ ।

କେତେକ ଲୋକ ଏହି ମତ ପୋଷଣ କରିଥାନ୍ତି ଯେ, ପବିତ୍ର କୁରଆନର (ବିଷୟବସ୍ତୁ) ବୁଝିବା ଅତି କଠିନ । ଯଦିଚ ଅଲ୍ଲାଃତାଲା କୁହନ୍ତି ଯେ, ଆମ୍ଭେ ପବିତ୍ର କୁରଆନକୁ (ଲୋକମାନଙ୍କ) ଉପଦେଶ ହାସଲ କରିବା ନିମନ୍ତେ ସହଜ ଓ ସରଳ କରି ଦେଇଛୁ । ଅତଃ କ'ଣ କେହି (ଅଛି) ଯେ ଶିକ୍ଷା ହାସଲ କରିବ ? ଏହା ଅଲ୍ଲାଃତାଲାଙ୍କର ଦାବି । ସେ କହିଛନ୍ତି; ଆମ୍ଭେ ପବିତ୍ର କୁରଆନରେ ଅତି ସହଜ ଶିକ୍ଷା ପ୍ରଦାନ କରିଛୁ, ଏବେ ତୁମମାନଙ୍କୁ ଉପଦେଶ ଦିଆଯାଉଛି ଯେ, ଏହି ଶିକ୍ଷାନୁଯାୟୀ କାର୍ଯ୍ୟ କରିବାକୁ ପୂର୍ଣ୍ଣ ପ୍ରୟାସ କର । ପରମେଶ୍ୱର ପବିତ୍ର କୁରଆନକୁ ବୁଝିବା ନିମନ୍ତେ ପ୍ରତ୍ୟେକ ଯୁଗରେ ଶିକ୍ଷକ (ସିଦ୍ଧ ପୁରୁଷ) ମଧ୍ୟ ଯୋଗାଇ ଦେଇଥାନ୍ତି । ଚଳିତ ଯୁଗରେ ସେ ହଜରତ ମସିହ ମଉଦ [ଅ.ସ]ଙ୍କୁ ପ୍ରେରଣ କଲେ, ଯିଏ କି ଆମମାନଙ୍କୁ ସବୁକିଛି (ଅତି ପ୍ରାଞ୍ଜଳ ଭାବରେ) ବୁଝାଇ ଦେଲେ । ସୁତରାଂ ଏହା ଆମର ଦୁର୍ଭାଗ୍ୟ ହେବ, ଯଦି ଆମେ ଏବେ ମଧ୍ୟ ସେହି (ଶିକ୍ଷା)ର ପାଳନ ନକରିବା ।

ଏହିପରି ଖଲିଫାମାନେ ମଧ୍ୟ ଏହାର ତଫସିର୍ (ବ୍ୟାଖ୍ୟା) କରିଛନ୍ତି, ହଜରତ ମୁସଲେହ୍ ମଉଦ [ର.ଅ]ଙ୍କର ତଫସିର୍ କବିର୍ ମହଜୁଦ ରହିଛି । ଯେଉଁଥିରେ ପବିତ୍ର କୁରଆନର ଅର୍ଦ୍ଧେକ ବ୍ୟାଖ୍ୟା ବର୍ଣ୍ଣିତ ରହିଛି, ଏତଦ୍ ବ୍ୟତୀତ ଅନୁବାଦ ଓ ବ୍ୟାଖ୍ୟା କରାଯାଇଛି । ତଫସିର୍ ସଗିର୍, ସେଥିରେ ମଧ୍ୟ ଅନେକ ବିଷୟ ଉଲ୍ଲେଖ ରହିଛି । ପୁନଶ୍ଚ ଜମାଅତରେ ବିଭିନ୍ନ ଭାଷାରେ ଅନୁବାଦ ମଧ୍ୟ ହେଉଅଛି, ସୁତରାଂ ରମଜାନରେ ଯେଉଁସ୍ଥଳେ ପବିତ୍ର କୁରଆନ ପାଠ କରିବାକୁ ଚେଷ୍ଟା କରିଥାଅ ସେହିସ୍ଥଳେ ଅନୁବାଦ ଓ ବ୍ୟାଖ୍ୟା ସହିତ ତାହାର ଯଥାର୍ଥ ଏବଂ ଆଦେଶାବଳୀକୁ ବୁଝିବା ତଥା ତଦନୁଯାଇ କାର୍ଯ୍ୟ କରିବାକୁ ଉଦ୍ୟମ କରିବା ଉଚିତ୍ । ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ଲୋକେ ନିଜ ପିଲାମାନଙ୍କ ଆମିନ୍ (କୁରଆନ ଶେଷ) କରେଇବା ପାଇଁ ମୋ ନିକଟକୁ ଆସିଥାନ୍ତି । ସେମାନଙ୍କୁ ସ୍ମରଣ ରଖିବା ଉଚିତ୍ ଯେ, ପିଲାମାନଙ୍କୁ କୁରଆନ ପଢ଼ିବା ଶିଖାଇ ଆପଣମାନେ ନିଜ କର୍ତ୍ତବ୍ୟ ତ ସମ୍ପନ୍ନ କରିଦେଲେ କିନ୍ତୁ ସେମାନଙ୍କ ମନରେ କୁରଆନ ଆବୃତ୍ତି କରିବା ଓ ତାହାର ଶିକ୍ଷାନୁଯାୟୀ କାର୍ଯ୍ୟ କରିବା ପ୍ରତି ଆଗ୍ରହ, ଉତ୍ସାହ ଓ ଅନୁରାଗ ଉତ୍ପନ୍ନ କରିବା ମଧ୍ୟ ଆପଣମାନଙ୍କର ଦାୟିତ୍ୱ । ପ୍ରତ୍ୟେକ ଅହମଦିକୁ ଏକଥା ପ୍ରତି ଚିନ୍ତିତ ହେବା ଉଚିତ୍ ଯେ, ସେ ନିଜେ ଓ ତାହାର ପରିବାରବର୍ଗ ମଧ୍ୟ ପବିତ୍ର କୁରଆନ ଆବୃତ୍ତି କରିବା ଓ ତାହାର ଅନୁବାଦ (ଅଧ୍ୟୟନ) କରିବା ପ୍ରତି ମନୋଯୋଗ କରନ୍ତୁ ।

ହଜରତ ମସିହ ମଉଦ[ଅ.ସ] ଗୋଟିଏ ସ୍ଥାନରେ କୁହନ୍ତି; ଏହା ସତ୍ୟ ଯେ, ଅଧିକାଂଶ ମୁସଲମାନମାନେ ପବିତ୍ର କୁରଆନକୁ ପରିହାର କରିଦେଇଛନ୍ତି । ତଥାପି ଏହାର ଜ୍ୟୋତି, ପ୍ରଭାବ ଓ ବରକତ୍ (କଲ୍ୟାଣ) ସଦାସର୍ବଦା ସଦ୍ୟ ଓ ଜୀବନ୍ତ । ବସ୍ତୁତଃ (ପୁଣ୍ୟଶ୍ଳୋକ କହିଲେ;) ଏହି କାଳରେ ଏହାର ପ୍ରାମାଣ୍ୟ ଦେବା ପାଇଁ ମୁଁ ପ୍ରେରିତ । **ମନେରଖ ! ପବିତ୍ର କୁରଆନକୁ ଛାଡ଼ି କୃତକାର୍ଯ୍ୟ ହେବା ଅସାଧ ଓ ଅସମ୍ଭବ ।** ଏପରି କୃତକାର୍ଯ୍ୟ ହେବା ଏକ କାଳ୍ପନିକ ପ୍ରସଙ୍ଗ ଯାହାର ଅନୁସନ୍ଧାନରେ ଏହି ଲୋକମାନେ ପ୍ରୟାସରତ ।

ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] କହିଲେ; ଯେଉଁ ବିଶ୍ୱାସକାରୀ ପବିତ୍ର କୁରଆନ ପାଠ କରେ ଓ ତାହାର ଅନୁକରଣ କରେ । ତାହାର ଉଦାହରଣ ଏକ ଏପରି ଫଳ ସଦୃଶ ଯାହାର ସ୍ୱାଦ ମଧୁର ଓ ଗନ୍ଧ ବି ଉତ୍ତମ । ଆଉ

ସେହି ବିଶ୍ୱାସକାରୀ ଯେ ପବିତ୍ର କୁରଆନ ଆବୃତ୍ତି କରି ନଥାଏ କିନ୍ତୁ ତାହା (ଆଦେଶାବଳୀ)ର ପାଳନ କରିଥାଏ, ତାହାର ଉଦାହରଣ ଏକ ଖଜୁରୀ ସଦୃଶ ଯାହାର ସ୍ୱାଦ ତ ମଧୁର କିନ୍ତୁ ତହିଁରେ କୌଣସି ସୁଗନ୍ଧ ନଥାଏ । ପୁନଶ୍ଚ ଏପରି କପଟବିଶ୍ୱାସୀ ଯେ ପବିତ୍ର କୁରଆନ ଆବୃତ୍ତି କରିଥାଏ, ତାହାର ଉଦାହରଣ ଏକ ଏପରି ଲତା ସଦୃଶ ଯହିଁରେ ସୁଗନ୍ଧ ତ ରହିଥାଏ କିନ୍ତୁ ତାହାର ସ୍ୱାଦ ଅତି ତିକ୍ତ ଏବଂ ଏପରି କପଟବିଶ୍ୱାସୀ ଯେ ପବିତ୍ର କୁରଆନ ଆବୃତ୍ତି କରି ନଥାଏ, ତାହାର ଉଦାହରଣ ଏକ ତିକ୍ତ ଫଳ ସଦୃଶ ଯାହାର ସ୍ୱାଦ ମଧ୍ୟ ପିତା ଏବଂ ତାହାର ଗନ୍ଧ ବି ଅତି କଦର୍ଯ୍ୟ ।

ଆଉ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି, ହୁଜୁର[ସ.ଅ] କହିଲେ; ଲୋକମାନଙ୍କ ମଧ୍ୟରେ କେତେକ ଅହ୍‌ଲୁଲ୍ଲାଃ (ଅଲ୍ଲାଃଙ୍କ କୁଟୁମ୍ବ) ମଧ୍ୟରୁ ହୋଇଥାନ୍ତି । ବର୍ଣ୍ଣନାକାରୀ କୁହନ୍ତି; ଆମେ ମହାଭାଗଙ୍କୁ ପଚାରିଲୁ, ସେ ଅହ୍‌ଲୁଲ୍ଲାଃ କିଏ ? ଉତ୍ତର ମିଳିଲା, ପବିତ୍ର କୁରଆନ (ପାଠକାରୀ) ହିଁ ହେଉଛନ୍ତି ଅହ୍‌ଲୁଲ୍ଲାଃ ଏବଂ ତାଙ୍କର ବିଶେଷ ଭକ୍ତ । ଅର୍ଥାତ୍ ପବିତ୍ର କୁରଆନ ଆବୃତ୍ତି କରୁଥିବା ଓ ତଦ୍‌ନୁଯାୟୀ କାର୍ଯ୍ୟକାରୀ କରୁଥିବା ଲୋକମାନେ । ହଜରତ ମସିହ ମଉଦ[ଅ.ସ] କୁହନ୍ତି; ସେହି ଲୋକମାନେ ସାଫଲ୍ୟ ମଣ୍ଡିତ ହେବେ ଯେ ପବିତ୍ର କୁରଆନର ଅନୁସରଣ କରିବେ । ସମ୍ପ୍ରତି ମୁସଲମାନମାନଙ୍କର ଯେପରି ଅବସ୍ଥା ରହିଛି, ପ୍ରତ୍ୟେକ ସ୍ଥଳେ ବିଶୃଙ୍ଖଳାର ବଜାର ଗରମ ରହିଛି ଏବଂ ପ୍ରଶାସନ ଜନତା ସହିତ ସଂଘର୍ଷ କରୁଅଛି ଓ ଜନତା ମଧ୍ୟ ପ୍ରଶାସନ ଉପରେ ଆକ୍ରମଣ କରିଚାଲିଛି । ଏସବୁ ପବିତ୍ର କୁରଆନକୁ ପରିହାର କରିବାର ପରିଣାମ । ଏମିତି କହିବାକୁ ଗଲେ ଉଭୟଙ୍କ ହସ୍ତରେ ପବିତ୍ର କୁରଆନ ରହିଛି କିନ୍ତୁ ଉଭୟ ହିଁ ପବିତ୍ର କୁରଆନର ଶିକ୍ଷା ଠାରୁ ବହୁତ ଦୂରରେ ରହିଛନ୍ତି । ଯଦି ପବିତ୍ର କୁରଆନର ଶିକ୍ଷାନୁଯାୟୀ କାର୍ଯ୍ୟ କରାଯାଏ ତେବେ କଦାପି ଏପରି ପରିସ୍ଥିତି ଉପୁଜିବ ନାହିଁ । ଚଳିତ ଯୁଗରେ ପରମେଶ୍ୱର ନିଜର ଯେଉଁ ପ୍ରତିନିଧିଙ୍କୁ ପ୍ରେରଣ କରିଛନ୍ତି, ତାହାଙ୍କୁ (ଏମାନେ) ପ୍ରତ୍ୟାଖ୍ୟାନ କରି ବସିଛନ୍ତି ଏବଂ ତାଙ୍କୁ ସ୍ୱୀକାର କରିବା ପାଇଁ ପ୍ରସ୍ତୁତ ନାହାନ୍ତି । **ଏପରି ସ୍ଥଳେ ସେମାନେ କଦାପି ପବିତ୍ର କୁରଆନରୁ ଉପକୃତ ହୋଇ ପାରିବେ ନାହିଁ ।**

ହଜରତ ମସିହ ମଉଦ[ଅ.ସ] କହିଲେ; ସ୍ମରଣ ରଖ ! ପବିତ୍ର କୁରଆନ, ପ୍ରକୃତ କଲ୍ୟାଣର ଉତ୍ସ ଓ ମୋକ୍ଷ ପ୍ରାପ୍ତିର ଆଧାର । ଏହା ସେମାନଙ୍କ ନିଜସ୍ୱ ତ୍ରୁଟି ଯେ ପବିତ୍ର କୁରଆନ (ଶିକ୍ଷା)ର ପାଳନ କରି ନଥାନ୍ତି... । ଏବେ ମଧ୍ୟ ସେମାନଙ୍କ ପାଇଁ ଜରୁରୀ ଯେ, ସେମାନେ ଏହି ନିର୍ଝରକୁ ଶ୍ରେଷ୍ଠ ପୁରସ୍କାର ବିଶ୍ୱାସ କରନ୍ତୁ ତଥା ତାହା ପ୍ରତି ସମ୍ମାନ ପ୍ରକଟ କରନ୍ତୁ । ଆଉ ତାହାର ସମ୍ମାନ କରିବା ଏହିକି ଯେ, ସେହି ଶିକ୍ଷାନୁଯାୟୀ କାର୍ଯ୍ୟ କରିବା । ତା'ପରେ ଦେଖିବ, ଈଶ୍ୱର କିପରି ସେମାନଙ୍କ ସମସ୍ୟା ଓ ବାଧାବିଘ୍ନକୁ ଏଡ଼ାଇ ଦେବେ । ମୁସଲମାନମାନଙ୍କର ଅବସ୍ଥା ତ ଏପରି ଯେ, ପବିତ୍ର କୁରଆନର ଶିକ୍ଷା ଠାରୁ ସେମାନେ ଦୂରେଇ ଯାଇଛନ୍ତି, ତାହାକୁ ପାସୋରି ଦେଇଛନ୍ତି ଏବଂ ତାହାର ପାଳନ କରୁ ନାହାନ୍ତି, ବରଂ ତାହାକୁ ପ୍ରେମ କରୁଥିବାର ଖାଲି ମୁହଁରୁ ଦାବି କରୁଛନ୍ତି । ପୁନଶ୍ଚ ଅହମଦିମାନଙ୍କ ଉପରେ ପବିତ୍ର କୁରଆନ ପାଠ କରିବାକୁ ପ୍ରତିବନ୍ଧ ଲଗାଇ ଦେଇଛନ୍ତି, ଯେପରିକି ପାକିସ୍ତାନରେ ଘଟୁଅଛି ଏବଂ ସେମାନେ ନିଜେ ମଧ୍ୟ ତାହାର ଆଦେଶ ପାଳନ କରୁ ନାହାନ୍ତି । ଦେଖ ! ଅହମଦିମାନଙ୍କ ଉପରେ ଯେପରି ଇଚ୍ଛା କଟକଣା ଲଗାଇ ଦିଅ ତୁମେମାନେ ଆମ ହୃଦୟରୁ ପବିତ୍ର କୁରଆନର ଶିକ୍ଷାକୁ ବାହାର କରିପାରିବ ନାହିଁ । ଯେପରି ଇଚ୍ଛା କୌଶଳ କରି ଦେଖିନିଅ, **ତାହା ପ୍ରତି ଆମ ଅନ୍ତରରେ ଯେଉଁ ପ୍ରେମ ଓ ସ୍ପୃହା ରହିଛି ତାହାକୁ କଦାପି ଦୂର କରିପାରିବ ନାହିଁ ।**

ସୁତରାଂ ଚଳିତ ଯୁଗରେ ସବୁଠାରୁ ବଡ଼ କର୍ତ୍ତବ୍ୟ ଅହମଦିମାନଙ୍କର ଏହିକି ଯେ, ଆପଣମାନେ ପବିତ୍ର କୁରଆନୀୟ ଶିକ୍ଷାର ପାଳନ କରନ୍ତୁ । ଯଦ୍ୱାରା ଅଣମୁସଲମାନ ରାଷ୍ଟ୍ର ଆପଣଙ୍କ ଆଚରଣ ଦେଖି ବୁଝି ପାରିବେ ଯେ ବାସ୍ତବିକ ଇସଲାମ୍‌ର ଶିକ୍ଷା କ'ଣ ? ପବିତ୍ର କୁରଆନରେ କେଉଁ କେଉଁ ନିର୍ଦ୍ଦେଶାବଳୀ ରହିଛି । ଏଥିରେ ଶାନ୍ତି, ସୁରକ୍ଷା, ପ୍ରେମ, ସନ୍ତୋଷର କି ସୁନ୍ଦର ଶିକ୍ଷା ବର୍ଣ୍ଣିତ, ଏଥିରେ ସମାଜରେ ଭାତୃଭାବର ପରିବେଶ ପରିବ୍ୟାପ୍ତ କରିବା ଆଦେଶମାନ ରହିଛି । ସେଥିରେ ଭକ୍ତଙ୍କ କର୍ତ୍ତବ୍ୟ ସମ୍ପାଦନ କରିବା ସଂକ୍ରାନ୍ତରେ ଆଦେଶମାନ ରହିଛି । ଅତଏବ ଏଥିପ୍ରତି ଅହମଦିମାନଙ୍କୁ ବହୁତ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଗୋଟିଏ ବର୍ଣ୍ଣନାରେ ଉଲ୍ଲେଖ ରହିଛି, ଏକଦା ହଜରତ ଜିବରିଲ୍ ହୁଜୁର [ସ.ଅ]ଙ୍କ ନିକଟକୁ ଆସିଲେ ଏବଂ ସୂଚନା ଦେଲେ ଯେ, ଖୁବ୍ ଶିଘ୍ର (ସଂସାରରେ) ଅତ୍ୟଧିକ

ମାତ୍ରାରେ ବିଶୃଙ୍ଖଳା ସୃଷ୍ଟି ହେବ । ପ୍ରଶ୍ନ କରାଗଲା ଯେ, ସେଥିରୁ ଉଦ୍ଧାର ପାଇବାର ଉପାୟ କ'ଣ ? **ହଜରତ ଜିବରିଲ୍ ଉତ୍ତର ଦେଲେ ସେଗୁଡ଼ିକରୁ ଉଦ୍ଧାର ପାଇବାର ଉପାୟ ହେଉଛି ପବିତ୍ର କୁରଆନ ।**

ପ୍ରିୟ ହୁଜୁର ଅନୱରଅ.ବ କହିଲେ; ଆମେମାନେ ନିଜକୁ ଓ ନିଜ ସନ୍ତାନ ସନ୍ତତିଙ୍କୁ ରକ୍ଷା କରିବା ନିମନ୍ତେ ପବିତ୍ର ଧର୍ମଗ୍ରନ୍ଥ ପ୍ରତି ମନୋଯୋଗ କରିବା ଅନିବାର୍ଯ୍ୟ । ତେବେ ଯାଇ ଆମେ ସତ୍‌ପଥ ପ୍ରାପ୍ତି କରିପାରିବା ଏବଂ ସମସ୍ତ ପ୍ରକାର ବିପଦ ଓ ବିଶୃଙ୍ଖଳାରୁ ମଧ୍ୟ ସୁରକ୍ଷିତ ରହିପାରିବା । ଆଉ ସେହି ଆଦେଶଗୁଡ଼ିକୁ ବୁଝି ପାରିବା ଯାହାକି ଈଶ୍ୱର ଆମମାନଙ୍କ ସକାଶେ ଅବତୀର୍ଣ୍ଣ କରିଛନ୍ତି । ନବୀଶ୍ରେଷ୍ଠ ହଜରତ ମୁହମ୍ମଦସ.ଅ କହିଲେ; ପବିତ୍ର କୁରଆନ ଉଚ୍ଚସ୍ୱରରେ ପାଠ କରିବା ପ୍ରକାଶ୍ୟ ସଦ୍‌କା (ଦାନ) କରିବା ସଦୃଶ ଏବଂ ପବିତ୍ର କୁରଆନ ଗୋପନରେ ଆବୃତ୍ତି କରିବା ପ୍ରଚ୍ଛନ୍ନରେ ସଦ୍‌କା କରିବା ସଦୃଶ । ମହାମାନ୍ୟ ହୁଜୁର ଅନୱରଅ.ବ କହିଲେ; ଆମମାନଙ୍କୁ ସ୍ମରଣ ରଖିବା ଉଚିତ୍ ଯେ, ଯେପରିକି ଉଲ୍ଲେଖ ରହିଛି ସଦ୍‌କା କରିବା ଦ୍ୱାରା ସଙ୍କଟ ଦୂର ହୋଇଥାଏ । ଭୟପ୍ରଦ ଅବସ୍ଥା ଓ ବିଶୃଙ୍ଖଳା ପୂର୍ଣ୍ଣ ପରିସ୍ଥିତି ଦୂରୀଭୂତ ହୋଇଥାଏ । ସୁତରାଂ ପବିତ୍ର କୁରଆନ ଆବୃତ୍ତି କରିବା ଓ ତାହାକୁ ଏପରି ଆବୃତ୍ତି କରିବା କି ତାହା (ତୁମକୁ) ବୁଝା ପଡୁଥିବ ତେବେ ତାହା ସଦ୍‌କା ପରି ଗ୍ରହଣ କରାଯିବ । ଆଉ ତାହାର କଲ୍ୟାଣରୁ ମନୁଷ୍ୟ ସମସ୍ତ ପ୍ରକାରର ବିଶୃଙ୍ଖଳାରୁ ସୁରକ୍ଷିତ ରହିବ ।

ହଜରତ ମସିହ ମଉଦଅ.ସ କୁହନ୍ତି; ଯଦି ହୃଦୟ କଠୋର ହୋଇଥାଏ ତେବେ ତାହାକୁ ନମ୍ର କରିବାର ଉପାୟ ଏହିକି ଯେ, ପବିତ୍ର କୁରଆନକୁ ବାରମ୍ବାର ପାଠ କର । ଯେଉଁସ୍ଥଳେ ଦୁଆ (ପଙ୍‌କ୍ତି)ଗୁଡ଼ିକ ରହିଛି ସେହିସ୍ଥଳେ ଜଣେ ବିଶ୍ୱାସକାରୀର ହୃଦୟ ଚାହିଁଥାଏ ଯେ, ସେହି ଐଶ୍ୱୀକୃପା ମୋତେ ମଧ୍ୟ ଲାଭ ହେଉ । **ଦେଖ ପବିତ୍ର କୁରଆନର ଉଦାହରଣ ଏକ ଉଦ୍ୟାନ ସଦୃଶ ।** ଗୋଟିଏ ସ୍ଥଳେ ମନୁଷ୍ୟ ଏକ ପ୍ରକାର ଫଳ କାମନା କରିଥାଏ, ପୁନଶ୍ଚ ଆଗକୁ ବଢ଼ି ସେ ଆଉ ଏକ ପ୍ରକାର ଫଳର ଅଭିଳାଷ କରିଥାଏ । ସୁତରାଂ ! ଆବଶ୍ୟକ ଯେ, ପ୍ରତ୍ୟେକ ସ୍ଥାନ ଅନୁଯାୟୀ ସେଥିରୁ ଉପକୃତ ହେବା ଉଚିତ୍ । ଖୁତ୍‌ବାର ପରିଶେଷରେ ମହାମାନ୍ୟ ହୁଜୁର ଅନୱରଅ.ବ କହିଲେ; ରମଜାନର ଏହି ପବିତ୍ର ଦିନମାନଙ୍କରେ ଯେଉଁସ୍ଥଳେ ଆମମାନଙ୍କୁ ବିଶେଷ ଭାବରେ ପବିତ୍ର କୁରଆନ (ପାଠ କରିବା) ପ୍ରତି ମନୋଯୋଗ କରୁଅଛେ ସେହିସ୍ଥଳେ ଆମକୁ ଏହି ପ୍ରତିଜ୍ଞା ମଧ୍ୟ କରିବା ଉଚିତ୍ ଯେ, ଏହି ବିଶେଷ ଆଗ୍ରହ ଆମେ ବର୍ଷ ସାରା ଅବ୍ୟାହତ ରଖିବୁ ଏବଂ ତଦନୁଯାୟୀ କାର୍ଯ୍ୟ କରିବା ପ୍ରତି ମଧ୍ୟ ଧ୍ୟାନ ଦେବୁ । ନିଜ ପିଲାମାନଙ୍କୁ ମଧ୍ୟ କୁରଆନ ପାଠ କରିବାକୁ ଅନୁପ୍ରାଣିତ କରିବୁ । ଯେତେବେଳେ ଏପରି ହେବ ତେବେ ଆମ ଜୀବନ ସାର୍ଥକ ହେବ । ଅଲ୍ଲାଃତାଲା ଆମମାନଙ୍କୁ ଏଥିପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଊଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଈଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଈଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

❖❖❖ ❖❖❖ ❖❖❖ ❖❖❖

Khulasa Khutba Juma Huzoor Anwar a.b.a

14th March 2025

*Translated to Odia by :* Moulavi Anwar Ahmad Khan